ଚିରନ୍ତନ

ସଂଖ୍ୟା ୩୮, ଫେବ୍ରୁଆରୀ ୨୩, ୨୦୧୭

Chirantana

Jagannath Organization for Global Awareness (JOGA)
Newsletter, Issue No: 38, February 23, 2017
http://www.jogaworld.org

ଆଜି ପଢନ୍ତୁ ଓଡିଆ ବିଭାଗ

"ଉନ୍ମୋଚନ"

Contents

Article	Author	Page No
Bhagabat Gita	JOGA	2
ହାତରେ ମୋ ମୁଠାମୁଠା ଶରଧାବାଲି	SInger: Bhikari Bal	3
ଦୟାକର ଦୀନବନ୍ଧୁ ଶୁଭେ ଯାଉ ଆଜଦିନ	Singer: Namita Agarwal	3
ମନ ମୋର ମନ୍ଦିର ଶିବ ମୋର ପୂଜା	Singer: Namita Agarwal	3
Upcoming Programs by JOGA	JOGA	4
Completed Programs by JOGA: Mahamantra and Chhapana Bhoga Harihar Dash Show	JOGA Report	4
Monthly Bhajan Program News	JOGA Report	6
Odia Poetry Reading Report	JOGA Report	8
Poems/Stories/Essays	JOGA Report	10
ଭଜମନ ବ୍ରଜମନ ଦ୍ୱିଜରାଜଙ୍କୁ	ଗୋପାଳକୃଷ୍ଣ ପଟ୍ଟନାୟକ	10
ଅନୁଗ୍ରହ ବାରି ପ୍ରଭୁ, ଢାଳିଦିଅ ଶିରେ ମୋର	ବିଜ୍ଞାନୀ ଦାସ	10
ହେ ହରି, ଏତିକି ମୋର ଗୁହାରି	ଭଗବାନ ଦାସ	11
ଭାଇ ଭଉଣୀ ସଂପର୍କ	ଶଶଧର ମହାପାତ୍ର	12
ଗାଉଥିବି ଗୀତ	ସୁଲୋଚନା ପଟ୍ଟନାୟକ	13
Karrtika or Ashwina	Padmanava Pradhan	14
Kurukhetra	Nrusingha C. Mishra	16
Drama Competition	JOGA Report	17
Talent Search Scholarship	JOGA Report	18
Bhajan Sponsors	JOGA Report	19
Holi Announcement	JOGA Report	20
Unmochana (Odia Section) ଓଡିଆ ବିଭାଗ – ''ଉନ୍ମୋଚନ''	Joy Gopal Mohanty, Bigyani Das, Sulochana Pattnaik, Shashadhar Mohapatra, Pranati Dash, Sikhanda Satapathy, Manoj Panda	21

Bhajan Schedule: Third Saturday of every month*

Place: Hindu Temple, 10001 Riggs Road, Adelphi, MD 20783 (Tel: 301-445-2165)
6:00 –9:00 PM Bhajan, Philosophiccal Discussion, Arati, and Prasad
*** On occasions the timing may change due to Temple Events. Please call (410) 531-7445 to verify.**

Holi on March 18, 2017:

JOGA annual Holi Celebration will take place at Hindu Temple, Adelphi. Please check the last page for more about Holi information.

Chirantana Info:

Chirantana is the bi-annual newsletter of Jagannath Organization for Global Awareness (JOGA). Chirantan is published in February and August months of every year.

Editor: Dr Bigyani Das

Deadlines: Religious, philosophical and educational articles are invited from the authors by January 15 and July 15 of every year for February and August issues respectively. All submissions are subject to review.

Bhagabat Gita: The Sacred Hindu Scripture

ସର୍ବ କର୍ମାଣି ମନସା ସନ୍ନ୍ୟସ୍ୟାସ୍ତେ ସୁଖଂ ବଶୀ
ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ॥୫-୧୩॥

ଏହି ଶ୍ଲୋକଟି ଭଗବଦ୍ ଗୀତାର **ପଞ୍ଚମ ଅଧ୍ୟାୟରେ** ତୟୋଦଶଃ **ପଂକ୍ତିରେ** ବର୍ଣ୍ଣନା କରାଯାଇଛି । ଶ୍ରୀ ଭଗବାନ କହିଲେ, "ଇନ୍ଦ୍ରିୟ ଓ ମନକୁ ବଶୀଭୂତ କରିଥିବା ଦେହଧାରୀ ଜିତେନ୍ଦ୍ରିୟ ପୁରୁଷ ନବଦ୍ୱାର ବିଶିଷ୍ଟ ଶରୀରରୂପକ ପୁରରେ ମାନସିକଭାବେ ସମସ୍ତ କର୍ମକୁ ବିବେକପୂର୍ବକ ତ୍ୟାଗ କରି, ନିଃସନ୍ଦେହରେ କିଛି ନ କରି ଓ ନ କରାଇ ସୁଖପୂର୍ବକ ନିଜ ସ୍ୱରୂପରେ ଅବସାନ କରେ ।"

sarva-karmāṇi manasā sannyasyāste sukhaṁ vaśī
nava-dvāre pure dehī naiva kurvan na kārayan ||5-13||

This Sloka is described in the thirteenth stanza of the fifth chapter. Lord Krishna said to Arjun, "When the embodied living being controls his nature and mentally renounces all actions, he resides happily in the city of nine gates [the material body], neither working nor causing work to be done.."

ହାତରେ ମୋ ମୁଠାମୁଠା ଶରଧାବାଲି

ହାତରେ ମୋ ମୁଠାମୁଠା ଶରଧାବାଲି
ଠାକୁରେ ଶରଧାବାଲି
ନରେନ୍ଦ୍ରର ଜଳ ପଡେ ମଥାରୁ ଝରି ।
ଦେହ୍ରରେ ମୋ ବୋଳା ବଡଦାଣ୍ଡର ଧୂଳି
ଚକାଡୋଳା, ଚକାଡୋଳା.....
କହ୍ନ ଚକାଡୋଳା ପର ହେଲି କିପରି,
ପର ହେଲି କିପରି ।ପଦା

ଆଖିରେ ମୁଁ ଦେଖୁଥାଇ ତୋର ମୁରତୀ
କାନ ମୋର ଦିବାନିଶି ଶୁଣେ ତୋ ଗୀତି
ତୁଣ୍ଡେ ତୁଳସୀ ଜଳ ପାଏ ମୁଁ ନିତି
ମୁଣ୍ଡ ମୋର ଛୁଏଁ ବଡଦାଣ୍ଡର ମାଟି
ରସନାମ ଗାଏ ସଦା, ରସନାମ ଗାଏ ସଦା
ରସନାମ ଗାଏ ସଦା ନାମ ତୋହ୍ରି, ପର ହେଲି କିପରି ।୧।

ଘର ଜାଣେ ନିଳାଚଳ ବଡଦେଉଳ
ପ୍ରଭୁପଣେ ତୁହି ଏକା ବଡଠାକୁର
ତୋ ପାଇଁ ଭୁଲିଛି ସବୁ ଆପଣା ପର
ଭରସା କରିଛି ତୋର ପାଦ ଯୁଗଳ
ଜୀବନ ଯିବ ମୋହ୍ରର, ଜୀବନ ଯିବ ମୋହ୍ରର
ଜୀବନ ଯିବ ମୋହ୍ରର, ତୋ ନାମ ଧରି ।୨।

ଦୟାକର ଦୀନବନ୍ଧୁ ଶୁଭେ ଯାଉ ଆଜଦିନ

ଦୟାକର ଦୀନବନ୍ଧୁ ଶୁଭେ ଯାଉ ଆଜଦିନ
କରଜୋଡି ତୁମ୍ଭପାଦେ କରୁଅଛି ନିବେଦନ ।ପଦା
ଅନାଦି ଅନନ୍ତ ହ୍ରରି କ୍ଷୀର ସାଗର ବିହାରୀ
ଲକ୍ଷ୍ମୀଦେବୀ ମନୋହାରୀ ପ୍ରଭୁ ପତିତପାବନ ।୧।
ମନ୍ତ୍ରଶାନ୍ତି ପ୍ରଦାୟକ ଦୁଷ୍ଟ ଶାନ୍ତି ବିଧାୟକ
ରୁକ୍ମିଣୀ ପ୍ରାଣନାୟକ ଜଗତ ଜନ ବନ୍ଦନ ।୨।
ଜଗଜ୍ଜନ ହିତକାରୀ ଦଶ ଅବତାର ଧାରୀ
ମଧୁସୂଦନ ମୁରାରି କାଳୀୟ ଦର୍ପ ଗଞ୍ଜନ ।୩।
ଯେଣେ ଚକ୍ଷୁ ପଡେ ନାହିଁ ତୁମ୍ଭ କିର୍ତ୍ତୀ ବିରାଜଇ
ଭାବି ଚିତ୍ତ ପୁଲକଇ, ହେ ଭକ୍ତ ହୃଦଚନ୍ଦନ ।୪।

ମନ ମୋର ମନ୍ଦିର ଶିବ ମୋର ପୂଜା

କଣ୍ଠ - ନମିତା ଅଗ୍ରୱାଲ୍

ମନ ମୋର ମନ୍ଦିର ଶିବ ମୋର ପୂଜା
ଆଖି ବୁଜିଦେଲେ ଦିଶେ କଇଳାଶ ଧ୍ୱଜା
ହ୍ରର ହ୍ରର ଶଙ୍କର ଭୋଳା ମହେଶ୍ୱର ଓଁ ନମଃ ଶିବାୟ
ଜୟ ଜୟ ଈଶ୍ୱର ମହା ଯୋଗେଶ୍ୱର, ଓଁ ନମଃ ଶିବାୟ ।ପଦା

ମୁଁ ଯେ ସଂସାରୀ ଟିଏ ଘରର ଘରଣୀ
ମୋତେ ବା ଜାଣିବ କିଏ ମୁଁ ପୂଜାରିଣୀ
ଶିବ ମୋ ସକଳ ସୁଖ, ଡାକିଲେ ଶୁଣେ ମୋ ଦୁଃଖ
ଶିବ ବିନା ଅଶିବରେ ନାହିଁ ମୋର ଖୋଜା
ହ୍ରର ହ୍ରର ଶଙ୍କର ଭୋଳା ମହେଶ୍ୱର ଓଁ ନମଃ ଶିବାୟ
ଜୟ ଜୟ ଈଶ୍ୱର ମହା ଯୋଗେଶ୍ୱର, ଓଁ ନମଃ ଶିବାୟ ।୧।

ଦୁନିଆଁରେ ଯାହା ସତ୍ୟ ତାହା ଯେ ସୁନ୍ଦର
ସେହି ସତ୍ୟ ସୁନ୍ଦରଙ୍କୁ ମୋର ନମସ୍କାର
ଅନ୍ତରେ ବାହାରେ ମୋର, ଭକତି ନାମ ଈଶ୍ୱର
ସେତିକି ଥିଲେ ନଥିବ କିଛି ଝଡଝଞ୍ଝା
ହ୍ରର ହ୍ରର ଶଙ୍କର ଭୋଳା ମହେଶ୍ୱର ଓଁ ନମଃ ଶିବାୟ
ଜୟ ଜୟ ଈଶ୍ୱର ମହା ଯୋଗେଶ୍ୱର, ଓଁ ନମଃ ଶିବାୟ ।୨।

(ଫେବ୍ରୁଆରୀ ୨୪ - ଶିବରାତ୍ରି)

Upcoming Programs by JOGA

Holi on March 18, 2017

Following the tradition for the last seventeen years, JOGA will celebrate Holi on March 18, 2017 at Hindu Temple Auditorium. Please check Holi announcement page in this newsletter for details of the Holi program.

Snanayatra on June 10, 2017

Snanajatra will be celebrated on Saturday, June 10, 2017. The actual Snana Purnima falls on June 9, 2017.

Rathayatra on June 25, 2017

This year Rathayatra falls on Saturday, June 25, 2017. JOGA will celebrate Rathayatra on the same day.

Completed Programs by JOGA in Fall/Winter 2016

Chhapana Bhoga Offering and Mahamantra Chanting, December 18, 2016

During the December month's bhajan program 3-hour non-stop mahamantra chanting and chhapana-bhoga offering was organized by JOGA volunteers. Mrs Pranati Dash had taken the lead and did a great job in organizing the chhapana bhoga. WhatsApp was used by volunteers with a lot of enthusiasm to volunteer for the prasad cooking as well as time to reach. Many devotees prepared prasad for the offering and prayed together for a happy and healthy new year for everybody.

Atasi Das coordinated the Mahamantra chanting by scheduling different leads for ten munute segments. Devotees of ISKCON joined the chanting and had the spiritual books display.

Pradyut and Jhilli Behera sponsored bhajan program in celebration of Jhilli and her son's birthday.

Presenting Harihar Dash - December 18, 2016

After the Mahamantra ended with bhoga offering and Arati, the dance program by Harihar Dash took place in the auditorium. Maushumi Pattanayak led this effort with support from Balakrishna Dixit, Radhakrishna Pattanaik, Kirtan Behera, Hemant Biswal. Bala Dixit's songs and Harihar Dash's dance both created an enchanting environment. They were short and sweet allowing time for audience members to enjoy time with each other, take pictures and have fun.

Monthly Bhajan Program News:

October month's bhajan program was held on Saturday, October 10, 2016. The program included bhajan by local artists. Prasad was sponsored by Shashadhara and Meera Mohapatra in memory of their parents, and Manoj and Meeta Panda in memory of their parents.

November month's program was held on Saturday, November 19. Prasad was sponsored by Ajaya and Nita Mohanty in memory of their mother, and Debaki Nandan and Anjana Chowdhury in memory of their father as well as son Debanjan's birthday. Pranati and Tapash Panda also co-sponsored this event for their son Swarup's birthday. Sagarika Pattanaik engaged children with painting T-shirt activity that was enjoyed by the children as well as their parents.

December month's program was held on December 18, 2016 Sunday. This was both the 3 hour mahamantra and chhapana bhoga program. We thank Pranati Dash and Anjana Chowdhury who superbly coordinated CHAPAN BHOGA program.

The first bhajan program 2017 was held on Saturday, January 14, 2017. The prasad was sponsored by Prananti and Tapas Panda in celebration of Pranati's birthday and Bigyani and Naresh Das for Naresh's

father's death anniversary. Many new devotees joined today in bhajan singing. The children group

trained by Pranati Dash exhibited superb singing skills.

February month's bhajan program was held on Saturday, February 18, 2017. It was a very nice day and spring in winter. Today's prasad was sponsored by Ajit and Shobhana Das for the birthday of Shilpa and Shweta. Our community's children Subham, Aradhya, Debanshi, Swarup, Ajitesh, Sameer etc. are being trained in singing and they presented a very good bhajan session.

Odia Poetry Reading on September 24, 2016

The fall poetry reading event took place on September 24 at Joy Gopal and Sulochana Mohanty's residence. Like all the past poetry reading events, potluck dinner was one of the major attractions. There were many interesting poems read today.

The outdoor set up was very nicely made for the poetry reading event with colorful tent and tables covered with colored table cloths. The garden with flowers and pumpkins were visual enough to give the impression of a romantic set-up. Most of these poems that were received in typed form are published in the Unmochana section.

Poems/Stories/Essays

ଭଜମନ ବ୍ରଜମନ ଦ୍ୱିଜରାଜଙ୍କୁ
ଗୋପାଳକୃଷ୍ଣ ପଟ୍ଟନାୟକ

ଭଜମନ ବ୍ରଜମନ ଦ୍ୱିଜରାଜଙ୍କୁ
ଅଜ ଶେଷ ଭବ ବନ୍ଦ୍ୟ ପଦକଞ୍ଜକୁ ।ପଦ।

ନେତ୍ରେ ରଞ୍ଜି ଦିବ୍ୟାଞ୍ଜନ ପ୍ରେମରେ କର ଲୋକନ
ବକ୍ତ୍ରେ ବଂଶୀ ହୃଦେ ଚାରୁ ଗୁଞ୍ଜ ସ୍ରଜକୁ ।୧।
ଅମ୍ବୁଜ କୁଟୁମ୍ବ କନ୍ୟା ପ୍ରତୀର କଦମ୍ବ ବନ୍ୟା
ନଭଚର ରାଧାସ୍କନ୍ଧ୍ୟସ୍ତ-ଭୁଜକୁ ।୨।
ପଶୁପି ନକ୍ଷତାବଳୀ ହୋଇ ସର୍ବତ ମଣ୍ଡଳି
ସାଜିଛନ୍ତି ସ୍ମର ପରାଜୟ ସଜକୁ ।୩।
ଅଖିଳ ରସ ଶୀମୂର୍ତ୍ତି କୋଟିଏ ମଦନ ଦ୍ୟୁତି
ଅନା ସେ ନବଶିଖଣ୍ଡଚୂଳ ଧ୍ୱଜକୁ ।୪।
ଶ୍ରୀ ପ୍ରତାପରୁଦ୍ର ଦେବ ଭାଷନ୍ତି ସନ୍ତତ ଭାବ
ହର ଜନ୍ମାନ୍ତର ଅହଂତମ ପୁଞ୍ଜକୁ ।୫।

ଅନୁଗ୍ରହ ବାରି ପ୍ରଭୁ, ଢାଳିଦିଅ ଶିରେ ମୋର
ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍

ଅନୁଗ୍ରହ ବାରି ପ୍ରଭୁ, ଢାଳିଦିଅ ଶିରେ ମୋର
ହେ ନାଥ, ଦୀନବନ୍ଧୁ, ଜଗତଠାକୁର ।
ଯେତେ ମୋ ଯନ୍ତ୍ରଣା, ଦୁଃଖ, ବେଦନା
ସାରିଦିଅ, ଦିଅ ମୋତେ,
ବଞ୍ଚିବାର ନୂଆ ସୁର ।ପଦ।

ଚାଲୁଛି ପଥ ମୁଁ ନିତି, ସହୁଛି କେତେ ବିପତ୍ତି
ଅମା ଅନ୍ଧକାରେ, ଝୁଣ୍ଟି ପଡିଛି
ଗତିପଥ ହଜିଯାଏ, ଝରିଯାଏ ରକ୍ତଧାର ।୧।

ମନର ସପନ ଯେତେ, ଛାଡି ଚାଲିଯାଏ ମୋତେ
ଶୂନ୍ୟ ହୃଦୟରେ, ଖାଲି ଚାହିଁଛି
ଆଉ ବାକି କେତେଦିନ, ସହିବାକୁ କଷ୍ଟଭାର ।୨।

ସୁରୁଜ ଦିଶଇ ନାହିଁ, ଆଶା ହଜିଯାଏ କାହିଁ
ତୁମ କରୁଣାର ଭିକ୍ଷା କରୁଛି
ଜୀବନ କଳସୀ ମୋର, ଆଶୀର୍ବାଦେ ପୂର୍ଣ୍ଣକର ।୩।

ହେ ହରି, ଏତିକି ମୋର ଗୁହାରି

ଭଗବାନ ଦାସ, ଶହୀଦ ନଗର, ଭୁବନେଶ୍ୱର

ହେ ହରି, ଏତିକି ମୋର ଗୁହାରି
ତୁମନାମ ତୁଣ୍ଡେ ଧରି, ଏ ଜୀବନ ଯାଉ ବାହାରି (ଘୋଷା)

ଲୋଭ ମୋହ ମାୟାଜାଲ, କରେ ମୋତେ କଲବଲ
ପାରେନାହିଁ ମୁହଁ ଛାଡି, ପାପ ପଙ୍କେ ଅଛି ବୁଡି
ପାରିହେବାକୁ ସଂସାର, ଭରସା ପାଏନି ମୋର
କିଏ ଅଛି କହ ମୋର, ଅତି ପିୟ ଆପଣାର
କାହାକୁ କହିବି, କାହାକୁ ମାଗିବି, ଲାଗେଖାଲି ହାହାକାର - କିଏ
ତମସା ରହିଛି ଘେରି, ଆଲୋକ ବର୍ତ୍ତିକା ଝୁରି
ମୁଁ ଯେ ପତଙ୍ଗ ସରି ହେ ହରି... ଏତିକି ମୋର ଗୁହାରି..
ତୁମନାମ ତୁଣ୍ଡେ ଧରି, ଏ ଜୀବନ ଯାଉ ବାହାରି ।୧।

ବିତିଗଲା ଜୀବଦଶା, ପୂରଣ ନହେଲା ଆଶା
ଆଚାର ବିଚାର ନହେଲା ସୁଧାର, ଭୋଗିବାକୁ ନର୍କଦଶା
ସଂସାର ଜଞ୍ଜାଳ, କରେ ମୋତେ କାଳ, ପାରେ ନାହିଁ ସହ୍ୟକରି - ହେ ହରି
ଭବବନ୍ଧନରେ ଘାରି, ଜୀବନଟା ଗଲା ସରି
ତୁମକୁ ଦେଲି ପାସୋରି, (ଏବେ) ମରଣ କାଳରେ ଝୁରି - ହେ ହରି...(ଘୋଷା)
ଅସାରେ ବଢିଲା ପ୍ରୀତି, ମନେ ନ ଜାଗିଲା ଭୀତି
ନେତୀଗୁଡ ଏବେ କହୁଣୀକୁ ଗଲା, ପାରେ ନାହିଁ ଆଉ ଚାଟି, ମନେ ନ ଜାଗିଲା ଭୀତି
ଅନ୍ତିମ କାଳରେ ବିଷୟ ବାସନାଲାଗେ ଖାଲି ବିଷ ପରି - ହେ ହରି... (୨)

ସାଙ୍ଗ କରି ଦିଅ ଖିଆଲି ଜୀବନ ମନଗଲା ବୋଧ ଧରି - ହେ ହରି .. (ଘୋଷା)
ଉଡିଲାଣି ମନ,ହୁଏ ଛନ୍ନଛନ, ଦେଖିବାକୁ ଆରପୁରୀ - ହେ ହରି ... (ଘୋଷା)
ତୁମେ କରୁଣା ସାଗର, ଅକିଞ୍ଚନ ମୁଁ ମାତର
ଅନୁତପ୍ତ ମୁହଁ ପଶୁଛି ଶରଣ, କରିବେନି ମୋତେ ପର... ଅକିଞ୍ଚନ ମୁଁ ମାତର
ଘେନ କି ନଘେନ ଗୁହାରି ମୋହର, ରହୁଛି କର୍ମ ଆଦରି - ହେ ହରି ... (ଘୋଷା)

ଭାଇ ଭଉଣୀ ସଂପର୍କ କେତେବେଳେ ମିଠା କେତେବେଳେ ପିତା

ଶଶଧର ମହାପାତ୍ର, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବାପା-ମା' ଗୁରୁଜନ ଶିଖାନ୍ତି ସଂସ୍କାର
ତାଙ୍କପାଇଁ ଧନ୍ୟ ହୁଏ ଆମ ଏ ସଂସାର
ଭାଇ, ଭଉଣୀଙ୍କଠାରୁ ପିୟ କିଏ ଅଛି ?
ଯୁଗ ଯୁଗ ଏ ସଂପର୍କ ବିଧି ଯେ ବାନ୍ଧିଛି
ଭାଇ ପରା ଜଗତନାଥ, ସୁଭଦା ଭଉଣୀ
ରାକ୍ଷୀଟିଏ ବାନ୍ଧି ହାତେ ମନ ନିଏ ଜିଣି
ଭାଇ ମାଗେ ଈଶ୍ୱରଙ୍କୁ ଦେବାପାଇଁ ବର
ଭଉଣୀର ଦୁନିଆକୁ କର ଭରପୁର
ଭଉଣୀ ପୂଜଇ ଶିବ, ହେ ପାର୍ବତୀ ପତି !
ଭାଇକୁ ଦିଅ ଆୟୁଷ, କର କୋଟିପତି
ଭାଇ ହୁଏ ଜଗୁଆଳି ଭଉଣୀଙ୍କପାଇଁ
ବିନା ପ୍ରତିଦାନେ ଦିଏ ସୁରକ୍ଷା ସେପାଇଁ
ଶାଶୁଘରେ ଛାତି ଯା'ର କୁଣ୍ଢେମୋଟ ହୁଏ
ଦେଖିଲେ ନିଜ ଭାଇକୁ ତା' ଅନ୍ତର ଛୁଏଁ
ଭାଇ ଭଉଣୀଙ୍କ ମାନ, ଅଭିମାନ କଥା
କେତେବେଳେ ଲାଗେ ମିଠା କେତେବେଳେ ପିତା
ରାଗ, ରଷା ବେଳେ ବେଳେ ଘୁରାଏ କା' ମଥା
ବାହାନା, ଛଳନା ପୁଣି ଦେଇଥାଏ ବ୍ୟଥା
କିଏ କହେ- ଜୀବନରେ ଏହା ପ୍ରୀତି ଭାଷା
ବାପା-ମା' ରାଗୁଥାନ୍ତି କଲେ ଲୋକ ହସା
ମମତାରେ ଭରିଥାଏ ଦିହିଙ୍କ ହୃଦୟ
ଯେମିତି ଦୂର ଆକାଶେ ଚନ୍ଦ୍ରମାହିଁ ପ୍ରିୟ

ଭାଇ, ଭଉଣୀ ସଂପର୍କ ଏଇମିତି ରହୁ
ଫୁଲ, ଚନ୍ଦନ ବାସ୍ନାରେ ସଦା ବାସୁଥାଉ

ଗାଉଥିବି ଗୀତ

ସୁଲୋଚନା ପଟ୍ଟନାୟକ
ଏଲକ୍‌ରିଜ, ମେରୀଲାଣ୍ଡ

ଆଶା ମୁଁ କରୁଛି ନିରାଶା ଭିତରେ
ଆଶା ଦୀପ ଜାଳି ମୃତ ମୋ' ପ୍ରାଣରେ
ବେଳେ ବେଳେ ହୁଏ ପ୍ରାଣ ପୁଲକିତ
ତୋ' ଚକା ଡୋଳାରେ ଦେଖେ ଭବିଷ୍ୟତ ।

ତୋ' ଆଶୀଷ ଧାରା ଅମୃତର ସମ
ପାନ କରି ମୁହିଁ ଯିବି ସ୍ୱର୍ଗ ଧାମ
ସେଇ ମୋର ଇଚ୍ଛା ସେଇ ମୋ' ସପନ
ତୋ ଦୁଇ ପୟରେ କରୁଅଛି ଧ୍ୟାନ ।

ଲୋଡେ ନା ମୁଁ କିଛି ଲୋଡେ ନା ବି ଧନ
ତୋ ସେବାରେ ଯଦି ବିତେ ମୋ' ଜୀବନ
ତୁହି ମୋର ସ୍ୱର ତୁହି ମୋ' ଈଶ୍ୱର
ତୋର ବିନା ପ୍ରଭୁ ସବୁ ଯେ ଅସାର ।

ଯେଣୁ ଏ ସଂସାର ତୋହ୍ରର ସନ୍ତାନ
ତୋର ପାଶେ ତେଣୁ ସଭିଏଁ ସମାନ
ସମସ୍ତେ ଚାହାନ୍ତି ହେବାକୁ ତୋ' ଭକ୍ତ
ମୁଁ ଚାହେଁ ଖାଲି ଗାଇବି ତୋ' ଗୀତ ।

ଆଜି ତୋର ପାଶେ ଏହି ମୋର ଅଳି
ଏହି ମୋ' ପ୍ରାର୍ଥନା ଏହି ମୋ' ଅର୍ଘ୍ୟଳି
ବାକି ମୋ' ଜୀବନ କଟୁ ତୋ' ପୟରେ
ଭିକ ମୁଁ ମାଗୁଛି ଆଜି ତୋ' ଦୁଆରେ ।

କାର୍ତ୍ତିକ ନା ଆଶ୍ୱିନ (Karrtika or Ashwina)

Padmanava Pradhan

Edison, NJ

"What are the most popular festivals of Odisha", asked a co-commuter friend during one 40-minutes trip to New York City. I said "Ratha Yatra" and "Durga Puja" followed by 'Kumar Purnima" and "Raja Parba". I emphasized that the last two are unique because nowhere else these days are celebrated in the same way as we do in Odisha. These days are extra specials for the youths, for the 'kumar' and 'kumari". On this gorgeous full moon night, youths, especially girls worship "Kumar", another name of Lord Karitkeya, the handsome son of Lord Shiva and brother of Lord Ganesh.

When is "Kumar Purnima", he asked. I said it is on the last day of "Ashwina" and this year it falls on October 15th, 2016. The next day is "Kartika Pratipada", the first day of Kartika, when many people in Odisha observe a month long vegetarian diet, abstaining from eating fish and meat till Kartika purnima.

"That's not the first day of "Kartika", that's the 16th day of "Ashwina", objected my friend and he was supported by a South India friend sitting nearby.

"The first day of "Kartika" is our new year and it starts on the day after "Deepawali".

He continued and said the day after Deepavali Amabasya is be first day of Kartika and the first day of a new 'Shaka' year. That is the reason we wish "Happy New Year" to each other on that day which is 'shukla pratipapa'.

I then said the Krishna janmasthami in Odisha comes in Bhadrpada month on the eighth day of the 'krishna paksha', the black fortnight of Bhadrapada. He said Krishna Janmasthami is not in Bhadrapada mmoth, it is in Shravan.

Now I know why he is confused. There are several variations of Indian Hindu calander depending on the region. Indians mostly follow either solar (tropical) or lunisolar depending on their location for religious observations. In Lunisolar calenders, the days and months are calculated based on the motions of the Moon and the Sun. Where as in solar calender, based on the motion of the Sun. Most of the calenders are derived from Gupta Era astronomy developed by Aryabhatta, Barahamihira or Brahmagupta. Vedanga Jyotisha which in the earlier period had been standardized in a number of works known as Surya Siddhanta. The name of the twelve months are the same all over India except in Kerala where the months are named according to the solar zodiac signs.

The Lunisolar calender has two main variations, Amanta and Purnimanta depending on whether the first day of the month starts after Amabasya or after Purnima.

Purnimanta calendar

The Purnimanta calendar is followed in most of North India, i.e., in the states of Bihar, Himachal Pradesh, Uttar Pradesh, Haryana, Punjab, Jammu and Kashmir and Rajasthan, including Odisha for religious observations. It also inclyudes Uttaranchal, Chattisgarh, Jharkhand and Delhi, but they are off-shots of bigger states and follow the same calendar. It differs from the amanta calendar in that the months are reckoned from

full Moon to full Moon. Therefore, the Purnimanta calendar starts two weeks before the amanta calendar does; that is, it starts with the lunar day after the last full Moon before the Mesha samkranti, after 'Chaitra Purnima'. The Vikrama Era is followed, along with the northern school of Jovian year names

Amanta calendar

It is lunisolar like purnimanta; i.e., its days and months are calculated based on the motions of the Moon and the Sun. Like the Chinese calendar, the month is calculated from new Moon to new Moon. It differs from the Chinese calendar in that the day of the new Moon is considered the last day of the previous month instead of the first day of the new month.

In the Chinese calendar, the year is divided into 12 solar months by 12 principal solar terms or zhongqis. In the Indian calendar, the year is divided into 12 solar months or rasis by 12 principal solar terms or samkranti. In the Chinese calendar the starting point of both the lunar and the solar months are considered to be the whole days on which the new Moon and the zhongqis occur. However, in the Indian calendar, the new Moon and the samkranti are considered moments in time. This becomes important when computing leap months, since like in the Chinese calendar, a leap month (adhika masa) is added to the calendar on average every 2.7 years to offset the disparity in lengths between the lunar year and the sidereal year. In addition, a month (kshaya masa) is occasionally skipped.

It has two variations, the southern Indian and the western Indian versions. The southern amanta lunisolar calendar is followed in the South and Southwest Indian states of Andhra Pradesh, Karnataka and Maharashtra.

The southern amanta calendar differs from the western amanta calendar in its treatment of kshaya masas, the New Year Day and the era followed. We believe that the southern amanta calendar follows the southern school for treating kshaya masas. Saha and Lahiri suggest that it follows the Salivahana Saka Era starting with Chaitra Sukla Pratipada [1], the lunar day after the last new Moon before the Mesha samkranti. The years are also named according to the names of the Jovian years (southern school [2]). The eras and handling of kshaya masas will be discussed in detail in their respective sections.

In Western India, specifically, in the state of Gujarat, the amanta calendar is of two forms [3], one that starts with Aashaadha (followed in the Kathiawar region) and one that starts with Kartika (followed all throughout Gujarat). Both calendars follow the Vikrama Era and both also probably follow the northwestern school for kshaya months.

Solar calendars

Malayali (Kerala) calendar

There are four regional variations of Indian solar calendars that differ in the way the start of the month is related to the samkranti. The samkranti is the moment when the Sun enters an Indian zodiac sign or rasi. The Malayali calendar is followed in the South Indian state of Kerala. It is a solar calendar so the months are defined according to the rasis The year starts with the Simha samkranti and follows the Kollam Era. The month begins on the same day as the samkranti if it occurs before aparahna, i.e., three-fifths of a day. Otherwise, it begins on the next day.

Tamil calendar

The Tamil calendar is followed in Tamil Nadu. This calendar is also solar; the month begins on the same day as the samkranti if it occurs before sunset. The Kali Era is followed along with the southern Jovian cycle. One peculiarity about the Tamil calendar is that its month names start with Chittirai (Chaitra). The Bengali calendar is followed in West Bengal, Assam and Tripura. The Era is the Bengali San. The rule for the beginning of the month is again different; the month begins on the day after the samkranti, if it occurs before midnight. Otherwise, it begins on the third day.

The Odia calendar is followed in the eastern state of Orissa. In addition to the Bengali San, the Saka, Vilayati and Amli eras are followed. The month begins on the same day as that of the samkranti.

In Odisha, we follow the solar calender starting from Mahabishuba Sankranti or Mesha sankranti. At the same time, most of the brata's (Sudasha, bhai Jiantia, puo jiantia etc.) , osha and jatras (Ratha, Bahuda, Chandana etc) follow lunisolar calender

References

1. K.D. ABHAYANKAR, *Our Debts to our Ancestors,* in "Treasures of Ancient Indian Astronomy" (ed. K.D. Abhayankar and B.G. Sidharth), Ajanta Publications, Delhi. 1993.
S.K. CHATTERJEE, *Indian Calendric System,* Publications Division, Ministry of Information and Broadcasting, Government of India, 1988.

Kurukhetra

Nrusingha C. Mishra
Germantown, Maryland

Philosophy of life in Mahabharat

In eitheen days of war, 80% of males were wiped out. Sanjay after war toured Kurukhetar and was wondering what happned and wanted to know the truth. An ageing soft voice from above said that Sanjay will never know the truth. Old man in saffron robes said you cannot know about that war was about. Enigmatically, Mahabhrat is an epic, a ballad perhaps a reality but definitely a philosophy. Pandavas are five senses, SIGHT, SMELL, TASTE, TOUCH AND SOUND. Kauravas are hundred voices attacking your senses everyday. Do you know how to fight those voices? When Krishna is your inner voice, your soul, your guiding light, if you let your life in Krishna's hands, there is nothing to worry about. Then why great people like Drona, Vishma were fighting for the Kauravas? As you grow up, your perceptions of elders change. Your elders that you thought were perfect, are not perfect. One day you will have to decide if they are for your good or your bad. What about Karna? Karna is brother to your senses. He is desire. He is part of you and stands with the voices. He feels wronged and makes excuses for being with the voices as your desire forces all the time in different direction. Does your desire not give you excuses to embrace voices? Old man disappears in the column of dust leaving behind this philosophy of life.

Kurukhetra:

Eighteen days of war have taken a heavy toll on human lives
I am wondering what happened whether truth in it really lies
Suddenly began to feel the inner intense battle within me wages
Hounding me from all sides leaving me in utter confusion and shatters
Sight, smell, touch, taste and sound flattering me as five friendly companions
One hundred voices appeared as formidable foes raising fierce weapons
One side I see my five friends engaged in action
The other side those hundred vicious voices pulling me opposite direction
The battle went on and on and more experienced warriors joined the hundred voices
I had to decide where to go, go with the seemingly charming friends
Or go with the hundred intimidating foes guarded by huge army battalions
See another stalwart called desire claiming as an illegitimate eldest brother to the five senses
I started to run away from the battle among the opposing forces and accompanying devastation

Drama Competition 2017 in Odisha

JOGA in association with Maheswara Memorial Trust (MMT) conducted drama competition among high schools in Balasore/Bhadrak districts. This is for the first time that a new concept was made into action. Five high schools participated. Each presented one hour drama on a current issue of the society. They had chosen issues such as environmental damage, women's issues, law and order etc. Prizes were given to best actor, best actress, best drama, best vilain, best humorous actor, best dances, best music etc. All the attendees in the audience as well as the participants appreciated the idea. The enthusiasm spread so quickly that already 10 schools are getting ready to participate in the competition next year.

Sl No.	Date	Name of the School	Name of the Drama	Name of the Director	Rank
01	Jan 27, 2017	Malatidevi Girl's High School, Padmapur	Aparadhara Bichara	Hrusikesh Nayak	3rd
02	Jan 27, 2017	Laxmi Narayan Public SChool, Sahada	Jagi Utha Sarbe Bharata Basi	Mrs Shantilata Bal	
03	Jan 28, 2017	Lalaji High School, Sahada	Jeebana Jhada	Mrs Kalyani Lenka	2nd
04	Jan 28, 2017	Sabarang High School, Sabarang	Bela Thau Bancha Jibana	Mrs Abanti Puhan	
05	Jan 28, 2017	Sai Vidya Mandir, Gabagaon, Balasore	Yagna Kundare Ahuti	Mr Sashikanta Sahu	1st

Talent Search Scholarship for 2017 in Odisha

Like every year, JOGA also conducted talent search examination for high school students in Bhadrak district, Odisha, India. The scholarships were presented to 20 students that came top in this examination on January 29, 2017, 2 days before Saraswati Puja.

The high school students that are selected for the scholarship.

Sl. No	Name of the Student	Name of the School
01	Aliva Nayak	Balikhanda High School, Balikhanda
02	Bhabesh Nayak	Raghunarayan High School, Markona
03	Anuska Dash	Atalbihari High School, Basudevpur
04	Avisek Pati	Julia High School, Gud Suan
05	Sasmita Behera	Brahmapur High School, Bhadrak
06	Rutuparna Jena	B.M Bagurai High School, Bhadrak
07	Barsa Priyadarsini Padhi	K.C. High School, Chudamani
08	Piswajit Pal	C.R.S. High School, Tihidi
09	Smruti Ranjan Panda	Bhadrakali High School, Bhadrakali
10	Jagannath Behera	Bhadrakali High School, Bhadrakali
11	Satya Prakash Senapati	Chandigaon High School, Chandigaon
12	Jyoti Prakash Pani	M.D. High School, Dhusuri
13	Subhashis Swain	Barapur High School, Barapur
14	Manojit Padhi	Bamamani High School, Tulamtula
15	Amita Sukla	Padmabati High School, Erada
16	Om Prakash Panda	S.E. High School, Lunga
17	Rashmi Ranjan Das	Zilla School, Bhadrak
18	Sushree Sangita Rout	Shiba Durga High School, Panchapada
19	Smruti Ranjan Nayak	J.K. High School, Padmapur
20	Binismita Panigrahi	Lalaji High School, Sahada
21	Shradhashree Rout	Dhamnagar Girls High School, Dhamnagar

Bhajan Program sponsors: We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Shashadhar and Meera Mohapatra, MD
Debaki Nandan and Anjana Chowdhury, MD
Ajaya and Neeta Mohanty, VA
Bijoy and Anasuya Dash, MD
Naresh and Bigyani Das, MD
Ajit and Sovana Das, MD
Manoj and Meeta Panda, MD
Kanchana Mohapatra, MD
Pradyot and Jhili Behera, VA
Tapas and Pranati Panda, MD

JOGA takes this opportunity to thank the temple committee members of Hindu Temple and the priests and volunteers for the success of monthly bhajan programs as well as other events. Temple priests Pitambar Dutt, Sharmaji and Ram Narayan Shashtriji have been very resourceful.

Wise Thoughts:

"The greatest day in your life and mine is when we take total responsibility for our attitudes. That's the day we truly grow up." John C. Maxwell

"Life is not a problem to be solved, but a reality to be experienced." Soren Kierkegaard

"Life is ten percent what happens to you and ninety percent how you respond to it." Lou Holtz

"Believe that life is worth living and your belief will help create the fact." William James

"The only disability in life is a bad attitude." Scott Hamilton

"God gave us the gift of life; it is up to us to give ourselves the gift of living well." Voltaire

"We make a living by what we get, but we make a life by what we give." Winston Churchill

"All life is an experiment. The more experiments you make the better." Ralph Waldo Emerson

"My mission in life is not merely to survive, but to thrive; and to do so with some passion, some compassion, some humor, and some style." Maya Angelou

NINETEENTH HOLI FESTIVAL

Organized by

Jagannatha Organization for Global Awareness (JOGA)

www.jogaworld.org

obhajan@yahoo.com/jogaevents@gmail.com

Date: March 18, 2017

Time: Saturday, 3:30 PM - 9:30 PM

Place: Hindu Temple Auditorium, 10001 Riggs Road, Adelphi, 20783

Program:

3:00-4:30 PM

- Set Up & Registration
- Holi procession of Deities
- Arati and Bhajan

4:00-4:45 PM: Snacks
4:45-7:00 PM: Cultural - Part1
7:00-8:00 PM: Dinner
8:00-9:00 PM: Cultural - Part 2

Special Presentations:
Comedy Drama: (Purna Taana) Full Tension

Contacts:
Joy Gopal Mohanty (410) 796-0608
Brahmapriya Sen (410) 531 1943
Bigyani Das (410) 531-7445
Meera Mohapatra (301) 879 8188
Hemant Biswal (703) 793 2632
Bandita Mishra (301) 540-4641
Arun Ojha (240) 715 1704
Debaki Nandan Chowdhury (301) 528-1919

Donations: *Family-$35, Single-$20*

Sponsorship:
Balabhadra Sponsor - $200.00
Subhadra Sponsor - $150.00
Jagannath Sponsor - $100.00
Nilachakra Sponsor - $50.00
Children Prize Sponsor - $250.00
(All donations are tax deductible)

Coordinators:

Melana:
Joy Gopal Mohanty –jgmohanty@yahoo.com
Sashadhara Mohapatra -smohapatra318@yahoo.com

Prasad:
Anjana Chowdhury – anjachow@hotmail.com
Anasuya Dash - anasuyamohapatra@yahoo.com
Tapas Panda - tapaspanda@gmail.com

Cultural:
Maushumi Pattanayak - Maushumi_p@hotmail.com
Sikha Sen - aryasys@yahoo.com
Nirlipta Das Chaudhury - 2nirlipta@gmail.com

Direction to the temple: From I-95/I-495 CAPITAL BELTWAY, take New Hampshire Ave. exit, exit number 29A, towards Wheaton. Right turn to Powder Mill Rd at 3rd traffic light, Right turn to Riggs Rd, temple on your left before the bridge.



ଶାରଦୀୟ କବିତା ପାଠ -୨୦୧୬

ସେଦିନ ଥିଲା ସେପ୍ଟେମ୍ବର୍ ୨୪ ତାରିଖ ୨୦୧୬ । ତିରିଶ୍‌ରୁ କିଛି ଉର୍ଦ୍ଧ୍ୱ ଓଡିଆ, ସେମାନଙ୍କର ପରିବାର ସହ, ଆମ ଏକ୍ସରିଜ୍, ମେରିଲାଣ୍ଡ ଘରେ ଏକାଠି ହୋଇଥିଲେ, ଜୋଗ (JOGA) ତରଫ୍‌ରୁ ଆୟୋଜିତ ଶାରଦୀୟ "କବିତା ପାଠ" ସମାରୋହରେ । ଯଦିଓ ଏହି କାର୍ଯ୍ୟକ୍ରମ ଅନେକ ଦିନରୁ ସ୍ଥିର ହୋଇଥିଲା, ଆମେ କିନ୍ତୁ ଚିନ୍ତିତ ଥିଲୁ ଏହାକୁ କିପରି ଭାବେ ଆୟୋଜନ କରିବୁ - ବିଶେଷ କରି ସେଦିନର ପାଗ ବିଷୟରେ ଚିନ୍ତା କରି । ଭାବୁ ଥିଲୁ ଦିନର ତାପ ମାତ୍ରା ଯଦି ଦେହସୁଆ ହୁଏ ତେବେ ଆମେ ଏହି ସମାରୋହଟା ଆମ ଘର ପଛ ବଗିଚାରେ କରିବୁ । ଏପରିକି, ଦୀର୍ଘ କେତେଦିନ ଧରି ବାହାର ତାପମାତ୍ରା ୮୯ଡିଗ୍ରୀ ଫାରେନ୍‌ହାଇଟ୍ ପାଖାପାଖି ବା ଉର୍ଦ୍ଧ୍ୱ ରହୁଥିଲା ଏବଂ ଠିକ୍ ଦିନକ ପୂର୍ବରୁ ମଧ୍ୟ ତାହା କିଛି ବଦଳି ନଥିଲା । ଏଣୁ, ବାହାରେ ଖୁବ୍ ଗରମ ଲାଗୁଥିଲା ଓ ଆମେ ଖୁବ୍ ବିଚଳିତ ହୋଇପଡିଥିଲୁ । କିନ୍ତୁ ଠିକ୍ ସେଇ ୨୪ତାରିଖ ସକାଳୁ ପାଗ ବିଭାଗ ତରଫ୍‌ରୁ ଜାଣିବାକୁ ପାଇଲୁ ଯେ ସେଦିନର ତାପମାତ୍ରା ୭୩ଡିଗ୍ରୀ ରହିବ ଓ ଖରା ପାଗ ହେବ । ଆମେ ଆଶ୍ଚର୍ଯ୍ୟ ହେଲୁ ଏବଂ ପ୍ରଭୁ ଜଗନ୍ନାଥଙ୍କୁ ଧନ୍ୟବାଦ ଜଣାଇ ସମାରୋହ ଆୟୋଜନରେ ଲାଗିଗଲୁ । ପୂର୍ବରୁ "କବିତା ପାଠ" କାର୍ଯ୍ୟକ୍ରମ ଦିନ ୩ଟାରେ ଆରମ୍ଭ ହେବା ପାଇଁ ସ୍ଥିର କରାଯାଇଥିଲା । କିନ୍ତୁ, ସମସ୍ତଙ୍କୁ ଚାହା ଜଳଖିଆ ଦେବା ଭିତରେ ଦିନ ସାଢେ ଚାରିଟା ବାଜି ଯାଇଥିଲା ଓ ସେହି ସମୟରେ ଆମେ କାର୍ଯ୍ୟକ୍ରମ ଆରମ୍ଭ କଲୁ ।

ଆମେ ଆମେରିକାରେ ବାସ କରୁଥିବାରୁ, ଦୈନନ୍ଦିନ ଜୀବନରେ ଓଡିଆ ଭାଷାର ସଂଶ୍ଳଶରେ ଆସିବା ଓ ବିଶେଷତଃ ପିଲାମାନଙ୍କର ଓଡିଆ କହିବା ଓ ପଢିବା ନିହାତି କମ୍ । ସର୍ବଦା, ପିଲାମାନେ ଇଂରାଜି ଭାଷାହିଁ ବ୍ୟବହାର କରନ୍ତି । ଏଣୁ ଏଠି ଆମେରିକାରେ, ଯଦିଓ "କବିତା ପାଠ" ସମାରୋହରେ, ସାଧାରଣତଃ ନିଜ ଲିଖିତ ବା ଅନ୍ୟ କାହାର ଲିଖିତ ଓଡିଆ କବିତାହିଁ

ପାଠ କରାଯାଏ, ଓଡିଶାର ଚାଲିଚଳନ ଓ ସଂସ୍କୃତିକୁ ନେଇ ଲିଖିତ କବିତାଗୁଡିକକୁ ଯଦି କେହି ଇଂରାଜି ଭାଷାରେ କବିତା ଲେଖି ପଢିବାକୁ ଇଚ୍ଛା କରେ ତାଙ୍କୁ ଆମେ ଉତ୍ସାହିତ କରିଥାଉ । ବିଶେଷ କରି ପିଲାମାନେ ଯଦି ତାଙ୍କ ଲିଖିତ କୌଣସି ଇଂରାଜି କବିତା ପଢିବାକୁ ଚାହାନ୍ତି, ତାଙ୍କୁ ମଧ୍ୟ ଆମେ ଉତ୍ସାହିତ କରିଥାଉ । ପ୍ରଥମେ, ଡ: ଜୟଗୋପାଳ ମହାନ୍ତି, ପ୍ରଭୁ ଗଣପତିଙ୍କ ଉଦ୍ଦେଶ୍ୟରେ ଏକ ଜଣାଶୁଣା ସଂସ୍କୃତ ବନ୍ଦନା ବୋଲିଲେ ଏବଂ ତା'ପରେ ଇଂରାଜିରେ ତାଙ୍କ ସ୍ୱଲିଖିତ ଏକ ଗଣେଶ ବନ୍ଦନା ପଢି ଶୁଣାଇଲେ । ଏହା ସଙ୍ଗେ "କବିତା ପାଠ" ଆରମ୍ଭ ହେଲା ଓ ସୁଲୋଚନା ପଟ୍ଟନାୟକ କାର୍ଯ୍ୟକ୍ରମ ଚଳାଇବାର ଭାର ନେଲେ ।

ଏହା ପରେ, ଉତ୍କଳ ନାୟକ, ତାଙ୍କ ପିତା ଓ ଶିଶୁକବି ଡ: କୃତିବାସ ନାୟକଙ୍କ ଲିଖିତ, ଫେସ୍‌ବୁକ୍‌ରେ ପ୍ରକାଶିତ, " ସମସ୍ତଙ୍କୁ ସବୁ ମୋତେ ଦରକାର ସିନା" କବିତାଟି ପଢି ଶୁଣାଇଥିଲେ । ସାଧାରଣ ଜୀବନରେ ଆମର ଆବଶ୍ୟକତା ଓ ସେ ବିଷୟରେ ଆମର କେତେ ଜ୍ଞାନ ଅଛି ଓ ଆମେ କ'ଣ କରିବାକୁ ଚାହୁଁ, ତାହାର ଏକ ବିବରଣୀ ଏହି କବିତାର ମୂଳ ଆଧାର ଥିଲା । ତା'ପରେ , ସୁଲୋଚନା, ଟରୋଣ୍ଟରେ ଥିବା ଡ: ଗଗନ ପାଣିଗ୍ରାହୀଙ୍କ ଲିଖିତ କବିତା ପୁସ୍ତକରୁ କବିତା,"ଗୋଧୂଳି କନ୍ୟା" ବିଷୟରେ କିଛି କହିଥିଲେ । ଡ: ନୃସିଂହ ମିଶ୍ର ସପରିବାରେ ଏଥର ପ୍ରଥମଥର ପାଇଁ କବିତା ପାଠରେ ଯୋଗ ଦେଇଥିଲେ ଏବଂ ପ୍ରଥମଥର ପାଇଁ ସ୍ୱରଚିତ ଓଡିଆ କବିତା, "ପାଷାଣୀ ଅହଲ୍ୟା" ପାଠ କରିଥିଲେ । ସେ ମଧ୍ୟ ଏକ ଦ୍ୱିତୀୟ କବିତା ତାଙ୍କ ବନ୍ଧୁ, ଦୀପକ ସାମନ୍ତରାୟଙ୍କ ଲିଖିତ, "ମୁଖା" ପଢି ଶୁଣାଇଥିଲେ । ଆମେ ସମସ୍ତେ ବନ୍ଧୁ ଦୀପକଙ୍କ କବିତା ସହ ଏକମତ ହୋଇଥାଉଁ ଯେ ଆଜିର ସମାଜରେ ସରଳ ନିରୀହ ପ୍ରାଣୀଟିଏ ମିଳିବା ଦୁଷ୍କର ଅଟେ । ତା'ପରେ ଅତସୀ ଦାସ୍ ତାଙ୍କ ପିତାଙ୍କ ଲିଖିତ ଦୁଇଟି କବିତା, "ଗୁହାରି" ଓ "ଚକା ଆଖି କଳା ଚେହେରା" ପଢି ସମସ୍ତଙ୍କୁ ଶୁଣାଇଥିଲେ । ପ୍ରକ୍ଷାନ୍ତରରେ କବିତାଟି କହୁଥିଲା ପ୍ରଭୁଙ୍କ ନାମ ଧରି ଜୀବନ ବିତି ଯାଉ, ଏହାହିଁ ଆମ ସମସ୍ତଙ୍କର ଗୁହାରୀ ହେବା ଉଚିତ । ଏହା ପରେ, ଝିନୁ ଛୋଟରାୟ, ୨୦୧୬ ଓସା ମାଗାଜିନ୍ "ଉର୍ମୀ"ରେ ପ୍ରକାଶିତ ତାଙ୍କ ଅବିନାଶୀ" କବିତାଟି ପଢି, ଏକ ରୁପା ଜହ୍ନର ସୌନ୍ଦର୍ଯ୍ୟ ଓ ଏହାର ପ୍ରଭାବ ତାଙ୍କ ମନକୁ କିପରି ଛୁଇଁଛି, ସେ ବିଷୟରେ ବର୍ଣ୍ଣନା କରି ଆମକୁ ଶୁଣାଇଥିଲେ । ତତ୍‌ସଙ୍ଗେ, କବି ଡ:ବିଜ୍ଞାନୀ ଦାସ, ତାଙ୍କ ଯୌବନ ଦିନ କଥା ଭାବି ତାଙ୍କ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ନୁଆ କବିତା "ପୁରିଗଲା ସେ ତୁମ ପ୍ରେମରେ" ପଢି ଶୁଣାଇଥିଲେ । କବି ଡ:ଶଶଧର ମହାପାତ୍ର ପ୍ରତିଥର ଭଳି, ଦୁଇଟି ସ୍ୱରଚିତ କବିତା ପଢିଥିଲେ । ନିକଟରେ ଘଟିଥିବା ଏକ ଶବଦାହ ଘଟଣାକୁ ନେଇ ଲିଖିତ କବିତା, "ଦାନ ମାଟି" ଓ କବିତା, "ସ୍ତ୍ରୀ"ରେ ସେ ତାଙ୍କର ବିଗତ ଦିନର ଅଭୁଲା ସ୍ମୃତିର ବାଖ୍ୟା କରି ଏବଂ ପଢି ଶୁଣାଇଥିଲେ ।

ଏହା ପରେ, ସୂର୍ଯ୍ୟ ମିଶ୍ର, ଓଡିଶାର ଜନୈକ ଆଇ.ଏ.ସ୍. ଅଫିସର ଶ୍ରୀ ସଚିଦାନନ୍ଦ ବାରିକଙ୍କ ଲିଖିତ ଏକ କବିତା, "ହଷ୍ଟେଲ ଜୀବନ" ପଢି, ଆମ ସମସ୍ତଙ୍କୁ ଆମର ବିତିଥିବା ହଷ୍ଟେଲ ଜୀବନକୁ ମନେ ପକାଇଦେଇଥିଲେ । ସୂର୍ଯ୍ୟ ମିଶ୍ରଙ୍କର ଦୁଇ ପୁଅ, "ଆଦିତ୍ୟ ଓ ଆୟୁସ୍ " ଯଥାକ୍ରମେ ଆଦିତ୍ୟଙ୍କ ଲିଖିତ, "What I want in Life" ଓ "The beautiful Mother Earth" କବିତା ଦୁଇଟି ପଢି ଆମଙ୍କୁ ଶୁଣାଇଥିଲେ । ଭିନ୍ନ ସ୍ୱାଦର ଦୁଇଟି କବିତା । ସାଧାରଣ ଛୋଟ ପିଲାର ଆଖିରେ ପୃଥିବୀ ଓ ତାହା ଭିତରେ ଥାଇ ସେ କ'ଣ ଜୀବନରେ ଚାହେଁ, ଏହା ଏକ ସଂକ୍ଷିପ୍ତ ବିବରଣୀ ଥିଲା । ତତ୍‌ପରେ ଡ: ଦେବରାଜ ସାହୁ, ନିକଟରେ ହରାଇଥିବା ତାଙ୍କ ୧୩ ବର୍ଷର କଚ୍ଛପର ଘରୁ ଚାଲିଯିବାକୁ ନେଇ ସ୍ୱଲିଖିତ କବିତା ମାଧ୍ୟମରେ ସେ ତାଙ୍କ ପୋଷା କଚ୍ଛପ ପ୍ରତି ଥିବା ଭଲ ପାଇବା ଓ ହରାଇବାର ଦୁଃଖକୁ ପ୍ରକାଶ କରିଥିଲେ । ତାଙ୍କ ଓଡିଆ କବିତାର ଶୀର୍ଷକ ଥିଲା, "ଟିନ୍ ଏଜ୍ ଟର୍‌ମେଣ୍ଟ୍" ।

ତା'ପରେ, କବି ଡ: ଶୀଖଣ୍ଡ ଶତପଥୀ ତାଙ୍କ ସ୍ୱରଚିତ କବିତା, "ପୁଣି ପର୍ବତ ଚଢା" ପଢି ଶୁଣାଇଥିଲେ। ମନୋଜ ପଣ୍ଡା ତାଙ୍କର ଦୁଇଟି ପ୍ରକାଶିତ କବିତା, "ମହୋଦଧି" ଓ "ବରଷା ରାଣୀ" ପଢି ଶୁଣାଇଥିଲେ । ସାଗରିକା ପଟ୍ଟନାୟକ, ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ଲିଖିତ, ଦୁଇଟି କବିତା, "ମା" ଓ “ଜନ୍ମଦିନ ମୋର ହୁଏ” ପଢିଥିଲେ । ତତ୍ ସଙ୍ଗେ, ଶୋଭନା ଦାସ, ତାଙ୍କ ମା'ଙ୍କ ଦେହତ୍ୟାଗ ହେବା ପରେ ପରେ ତାଙ୍କୁ ମନେ ପକାଇ ଯେଉଁ ଏକ ଛୋଟ କବିତା, "ଭାଙ୍ଗି ପଡୁଛି ମୁଁ" ଲେଖିଥିଲେ, ବଡ ମର୍ମାହତ ହୋଇ ତା'ର କିଛିକାଂଶ ଆମଙ୍କୁ ଶୁଣାଇଥିଲେ । ଏହା ପରେ, ସୁଲୋଚନା ପଟ୍ଟନାୟକ ତାଙ୍କ ସ୍ୱରଚିତ ନୂଆ କବିତା, " “ବରଷା ରାଣୀ" ପଢି କବିତା ସମାରୋହର ସମାପ୍ତି ଆଣିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ, ତତ୍କ୍ଷଣାତ୍, ପ୍ରଣତୀ ପଣ୍ଡା ଯୋଗ ଦେଇ ଦୁଇଟି ହାସ୍ୟ ରସାତ୍ମକ କବିତା, "କ, ଖ, ଗ" ଓ "ଫୁସ୍‌ଫାସ୍ ଡୁସ୍‌ଡାସ୍" ପଢିବା ପରେ ସମାରୋହ ସମାପ୍ତ ହେଲା । ଏହା ସଙ୍ଗେ, ଡ: ଜୟଗୋପାଳ ମହାନ୍ତି, ଆସନ୍ତା ବର୍ଷର କବିତା ପାଠ ୨୦୧୭ ମସିହା ଏପ୍ରିଲ୍ ୨୨ ଓ ସେପ୍ଟେମ୍ବର୍ ୨୪ ତାରିଖରେ ଯଥା କ୍ରମେ ସାଗରିକା ପଟ୍ଟନାୟକ ଓ ଝିନୁ ଛୋଟରାୟଙ୍କ ଘରେ ହେବ ବୋଲି ଘୋଷଣା କଲେ ଏବଂ ସମସ୍ତେ ସହମତ ହେଲେ ।

ପଢାଯାଇଥିବା ସ୍ୱରଚିତ କବିତାମାନଙ୍କ ମଧ୍ୟରୁ ଯେଉଁ ଗୁଡିକ ପୁର୍ବରୁ ପ୍ରକାଶ ପାଇ ନାହିଁ, ସେଗୁଡିକ ଏହି ମାଧ୍ୟମରେ ନିମ୍ନରେ ପ୍ରକାଶ କରାଗଲା ।

ଜୟ ଗୋପାଳ ମହାନ୍ତି, ଏଲ୍‌କ୍‌ରିଜ୍, ମେରୀଲାଣ୍ଡ

ସୂଚୀପତ୍ର

A Prayer to Lord Ganesh	Joy Gopal Mohanty
ପାଷାଣୀ ଅହଲ୍ୟା	ନୃସିଂହ ଚରଣ ମିଶ୍ର
ପୁରିଗଲା ସେ ତୁମ ପ୍ରେମରେ	ବିଜ୍ଞାନୀ ଦାସ
ସ୍ତ୍ରୀ	ଶଶଧର ମହାପାତ୍ର
What I want in life	Aditya Mishra
The Beautiful Mother Earth	Aditya Mishra
ଟୀନ୍ ଏଜ୍ ଟର୍‌ମେଣ୍ଟ୍	ଦେବରାଜ ସାହୁ
ପୁଣି ପାହାଡ ଚଢା	ଶିଖଣ୍ଡ ଶତପଥୀ
ବରଷା ରାଣୀ	ସୁଲୋଚନା ପଟ୍ଟନାୟକ
ବିଚ୍ଛେଦ	ଶୋଭନା ମହାନ୍ତି ଦାସ
ମହୋଦଧି	ମନୋଜ ପଣ୍ଡା
ବରଷା ରାଣୀ	ମନୋଜ ପଣ୍ଡା

A Prayer to Lord Ganesha

ବକ୍ରତୁଣ୍ଡ ମହାକାୟ ସୁର୍ଯ୍ୟକୋଟି ସମପ୍ରଭା।
ନିର୍ଭିଘ୍ନମ୍ କୁରୁମେ ଦେବ ସର୍ବକାର୍ଯ୍ୟେସୁ ସର୍ବଦା ।

O' God of Learning, with the
Splendor of million suns,
I offer my obeisance to thee
Bless me O' Lord Ganesha, I pray to thee. …(1)

O' God with an elephant face
With a big head, meaning, think big
I offer my obeisance to thee
Bless me O' Lord Ganesha, I pray to thee. … (2)

O' God with large elephant ears,
Symbolic of asking to listen more
I offer my obeisance to thee
Bless me O' Lord Ganesha, I pray to thee. … (3)

O' God with a small mouth
That suggests us to talk less
I offer my obeisance to thee
Bless me O' Lord Ganesha, I pray to thee. … (4)

O' God with small eyes that says
To concentrate on small things in detail
I offer my obeisance to thee
Bless me O' Lord Ganesha, I pray to thee. …(5)

O' God, with a curved trunk which is
Symbolic of high efficiency and adaptability,
I offer my obeisance to thee
Bless me O' Lord Ganesha, I pray to thee. …(6)

O' God with a large stomach, symbolic of
Peacefully digesting all good and bad in life
I offer my obeisance to thee
Bless me O' Lord Ganesha, I pray to thee. …(7)

O' Learned son of Parvati, holding an axe
To cut all bonds of attachment
I offer my obeisance to thee
Bless me O' Lord Ganesha, I pray to thee. …(8)

O' Beloved son of Shiva, holding a rope
To pull us closer to our highest goal
I offer my obeisance to thee
Bless me O' Lord Ganesha, I pray to thee. …(9)

O' God, You hold a sweet Ladoo
Which can be a reward for our perseverance?
I offer my obeisance to thee
Bless me O' Lord Ganesha, I pray to thee. …(10)

O' God, You ride on a little mouse, which is
Symbolic of desire that can cause, havoc
I offer my obeisance to thee
Bless me O' Lord Ganesha, I pray to thee. …(11)

O' God, the Remover of all obstacles,
We worship you before doing all rituals
Even before invoking all other Gods
I offer my obeisance to thee
Bless me O' Lord Ganesha, I pray to thee. …(12)

Joy Gopal Mohanty
(September 16, 2016)



ପାଷାଣୀ ଅହଲ୍ୟା

ନୃସିଂହ ଚରଣ ମିଶ୍ର

ଅଭିଶପ୍ତ ଏହି ଜୀବନ ପଡିରହିଛି ନିସ୍ତେଜ ହୋଇ ନଇକୁଳେ
କ'ଣ ବା ଭୁଲ୍ କଲି ମୋର ସୌନ୍ଦର୍ଯ୍ୟ ହିଁ କାଳ ହେଲା ।

ମୋର ସ୍ୱାମୀର ବେଶରେ ମୁଖା ପିନ୍ଧି ସତୀତ୍ୱ ମୋର ଅପହୃତ
ସେହି କଳଙ୍କ ନେଇ ବହୁତ କାନ୍ଦିଛି, ହେଲେ ସବୁ ଲୁହ ଶୁଖି ଯାଇଛି ।

ବହୁତ ପଥିକଙ୍କ ପାଦ ଧୂଳି ମୋର ମସ୍ତକରେ ଜମା ହୋଇଛି
ଆଶା କରିଛି କେଉଁ ଆଦର୍ଶ ପୁରୁଷଙ୍କ ପାଦଧୂଳିରେ ଉଦ୍ଧାର ପାଇବି ।

ମୋର ନିଜ ଝିଅ, ଖରା ସହ୍ୟ ନ କରି ପାରି ତା'ର ପିତାଙ୍କୁ ଜଣାଇ ଦେଲା
ନିଜର ଭାଇ ଦୁଇଜଣ ମର୍କଟ ପାଲଟି ଗଲେ ଭାବିଲାନି ।

ଝିଅଟି ମଧ୍ୟ ମୋ ଠାରୁ ଅଭିଶାପ ପାଇଲା
ତା'ର ସନ୍ତାନ ହେବ ମର୍କଟ ଚାହୁଁ ବା ନ ଚାହୁଁ ।

ମୋର ଝିଅ ଏବେ ତପସ୍ୟାରତ ଅଭିଶାପରୁ ମୁକ୍ତି ପାଇଁ
ମୁଁ ଏହି ମୋର ପରିବାରର ଅଭିଶାପରୁ ମୁକ୍ତି ଚାହେଁ ।

ମୋର ଏହି ପାଷାଣ ରୂପ ଉଦ୍ଧାର ପାଇବ ପୁରୁଷୋତ୍ତମଙ୍କ ସଂସ୍ପର୍ଶରେ
ଝିଅଟିର ମର୍କଟ ସନ୍ତାନ ହେବ ମହା ପ୍ରତାପୀ, ମହା ଜ୍ଞାନୀ ଓ ପରମ ଭକ୍ତ ।

ପୁରିଗଲା ସେ ତୁମ ପ୍ରେମରେ

ବିଜ୍ଞାନୀ ଦାସ

ଶୁନ୍ୟତାର ସପନ ମୋର
ପୂରିଗଲା ସେ ତୁମ ପ୍ରେମରେ
ରଙ୍ଗହୀନ ଜୀବନ ମୋର
ରଙ୍ଗୀନ ହେଲା ତୁମ ପ୍ରେମରେ ।ପଦ।

ସାଥୀ ତୁମେ ଦେଖା ଦେଲ
ଏମିତି ଏକ ବେଳାରେ
ଶୁଖି ମରି ଯାଇଥିଲା
ଆଶା ମୋ ଝାଞ୍ଜି ଖରାରେ
ଆଶାହରା ଜୀବନ ମୋର
ବିଭୋର ହେଲା ତୁମ ପ୍ରେମରେ ।୧।

ଘୁରୁଥିଲି ଅବିରତ
ପାହାଡ ଆଉ ବଣରେ
ଝରୁଥିଲା ରକ୍ତଧାରା
ପଥର ଝୁଣ୍ଟି ଭ୍ରମରେ
କ୍ଲାନ୍ତିଭରା ପଥ ଏ ମୋର
ଫୁଲେ ଭରିଲା ତୁମ ପ୍ରେମରେ ।୨।

ଲକ୍ଷହୀନ ଦିଗହୀନ
କୁହୁଡିଭରା ରାସ୍ତାରେ
ପଥଭୂଲି ପଥକୁ ମୁଁ
ଭିଜାଇଥିଲି ଲୁହରେ
ଦିଶହରା ଜୀବନ ମୋର
ଦିଶ ଦେଖିଲା ତୁମ ପ୍ରେମରେ । ୩ ।

ଗଢିଥିଲି ଘରଟିଏ
ଯତନ କରି ମନରେ
ଲିପିପୋଛି ଚିତା ଆଙ୍କି
କାହାର ଆବାହନରେ
ପାଦଥାପି ପ୍ରଥମ ଦୀପ
ଜଳାଇଲ ତୁମ ପ୍ରେମରେ । ୪ ।

କେତେ ଥିଲେ ସାଙ୍ଗସାଥୀ
ହେବନି ଗଣି ଅଙ୍କରେ
ତଥାପି ମୁଁ ଏକୁଟିଆ
ବେଦନା, ଦୁଃଖ ପଙ୍କରେ
ସାଥୀ ହୋଇ ଆସିଲ ତୁମେ
ଦୁଃଖ ହରିଲ ତୁମ ପ୍ରେମରେ । ୫ ।

ଅଣାୟତ ମନ ମୋର
କ୍ଷଣିକେ ବାଟବଣାରେ
ବୁଦ୍ଧି ଯେତେ ହଜିଯାଏ
ପଥର ଦେଖି ପଥରେ
ବିଚଳିତ ଭାବନା ମୋର
ଆୟତ୍ତ କଲ ତୁମ ପ୍ରେମରେ । ୬ ।

ଭାଳିହୁଏ ଦୁଃଖ କଥା
ଆନନ୍ଦ ସୁଖ ବେଳାରେ
ସୁଖ କ୍ଷଣ ଚାଲିଯାଏ
ଅପେକ୍ଷା ନ କରି ମୋରେ
ଛନ୍ଦହୀନ ଭାବନା ମୋର
ଭରିଲ ଛନ୍ଦେ ତୁମ ପ୍ରେମରେ । ୭ ।

ଭାବୁଥିଲି ନିଜକଥା
ନଭାବି ଆନ କାହାରେ
ସବୁ ଇଚ୍ଛା ମୋ' ପୁରିବ
ଅତୃପ୍ତି ନରହି ମୋରେ
ଦୁନିଆକୁ ଚିହ୍ନାଇଦେଲ
ବାନ୍ଧି ମନ ମୋ ତୁମ ପ୍ରେମରେ । ୮ ।

ଅଘଟଣ ନିତିଦିନ
ଆଶଙ୍କା ପଶେ ମନରେ
ଦକଦକ ହୁଏ ଛାତି
ଦୁଃଶ୍ଚିନ୍ତା ଭାବ ଜାଲରେ
ଦମ୍ଭ, ବଳ, ବିଶ୍ୱାସ ଦେଲ
ଭରସା ଦେଇ ତୁମ ପ୍ରେମରେ । ୯ ।

ଦେହ ପୀଡା, ମନ ପୀଡା
ସବୁକୁ ବିଶ୍ୱାସ ବଳେ
ପ୍ରଭୁଙ୍କ କରୁଣା ଭାବି
ଏବେ ମୁଁ ସ୍ୱାଗତ କରେ
ବିଶ୍ୱାସର ଦିବ୍ୟ ଦୀପାଳି
ଜଳାଇ ଅଛ ତୁମ ପ୍ରେମରେ । ୧୦ ।

ସ୍ତ୍ରୀ



ଶଶଧର ମହାପାତ୍ର

ମନେ ମନେ ମୁଁ କେତେ ଭାବୁଥିଲି
ସ୍ତ୍ରୀ ମୋର କିଏ ହେବ
ଅନ୍ଧାର ଘେରା ଏ ଜୀବନରେ
ଦୀପଟିଏ ଜାଳିଦେବ
ମନ ଆକାଶରେ ଜହ୍ନଟିଏ ହୋଇ
ମୋ ମନକୁ କିଣିନେବ
ସାରା ଦୁନିଆଟା ତା ନାଁ ଧରି
ତା'ର ଗୁଣ ଗାଉଥିବ ।

ବା' ଘର ପରେ ଫେରିଲା ବାଟରେ
ଫୁଲଟିଏ ଦେଇଅଛି
ମନେ ମନେ ମୁଁ କହିଲି ନିଜକୁ
ଏତିକି ମୋ ପାଖେ ଅଛି
ଅତି ଆଦରରେ ଗ୍ରହଣ କରିଛ
କାହାକୁ ନକହି କିଛି
ରାଜରାସ୍ତା ଆଉ ତୁମ ହାତ ମୁଠା
ଆଜି ପରା ସାକ୍ଷୀ ଅଛି ।

ସାରା ପରିବାର ଚାହିଁ ବସିଥିଲେ
ତୁମ ବାଟ ଚାହିଁ ଚାହିଁ
ଭୁଲିଗଲେ ତାଙ୍କ ଦୁଃଖ, ଶୋକ ଯେତେ
ନୂଆ ଅନୁଭବ ପାଇ
ମନେ ମନେ କେତେ ଖୁସି ହେଉଛନ୍ତି
ଘର ଭାର ଟେକି ଦେଇ
ଜୀବନଟା ଯଦି ହସୁଅଛି ପ୍ରୀୟେ
କେବଳ ତୁମରି ପାଇଁ ।

ଦେହ, ମନ ମୋର ଶୀତଳ ତ ଥିଲା
ତୁମ ଉପସ୍ଥିତି ବିନା
ତୁମେ ଯେଉଁଦିନ ଘରଣୀ ସାଜିଲ
ଉଷୁମ ହୋଇଲା ସିନା
ଜାଣିଲି ସେଦିନ ତୁମ ହାତ ସ୍ପର୍ଶେ
ଜଳୁଛି ଯେମିତି ନିଆଁ
ସେଥିପାଇଁ ମନ ଗୋପନରେ ଚାହେଁ
ତୁମ ମିଠା ମିଠା ଛୁଆଁ ।

ସଂସାର କରିବା ତୁମେ ଶିଖେଇଲ
ଅବୁଝାଟେ ବୋଲି ମୁହିଁ
ସଂସାର ଦାଇତ୍ୱ ତୁମେ ମୁଣ୍ଡେଇଲ
ସୁଖ ସଂସାରଟେ ପାଇଁ
ଭଙ୍ଗା ଅଣ୍ଟା ଭିଡି ଜାବୁଡି ଧରିଛି
ତୁମେ ମୋର ଆଶା ବାଡି
ହାତ ଛାଡିଦେଲେ ତଳେ ପଡିଯିବି
ପଡିଯିବି ମୁହଁ ମାଡି ।

ବିଜନ ବେଳାରେ ମନେ ପଡେ ଆଜି
ପୁରୁଣା ଦିନର ସ୍ମୃତି
ଭଲ ପାଉଥିଲି ରୁପସୀ ଫଗୁଣ
ତୁମକୁ ଓ ଜହ୍ନରାତି
ଭଲ ଲାଗେ ଆଜି ନିର୍ଜ୍ଜନରେ ବସି
ଆକାଶକୁ ଚାହିଁବାକୁ
କେତେ ମୁଁ ପାଇଛି କେତେ ହରାଇଛି
ସେ ହିସାବ ରଖିବାକୁ ।

ବୟସ ବଢିଲା, ଷାଠିଏ ପୁରିଲା
ସପନ ହଜିଲା ଦୂରେ
କେବେ କେବେ ତୁମେ ସପନରେ ଆସ
କହିବାକୁ ଚାହେଁ ଥରେ
ଏ ସଂସାର ଛାଡି ଯିଏ ଯାଉ ଆଗେ
ଯିଏ ହେଲେ ଯାଉ ପରେ
ଏତିକି କହିବି ଜୀବ ଥିବା ଯାଏ
ରହିଥିବ ହୃଦୟରେ ।



What I want in life

Aditya Mishra

With blessing of God
I have everything
from toys to food
to education
to good health in life.
But there is something missing.

Something big
but not small.
Something good
but not bad.
Something open
but not closed.
It is the key
I need in my life.
It is friendship.

If you don't have
Friendship
then you have no
Life.

Friendship can help you
when you are
at you worst.
It is the key in life.

But you can't just have
Friendship,
you need to earn it.
No one will give you
Friendship.
No family
No God
not even you
can give yourself friendship.
So then what?
What do you need
to have friendship?
To have friendship
you need a good
Pure Heart.
That is what you need in life.
That is how you can accomplish life.

The Beautiful Mother Earth

Aditya Mishra
(Read by his brother Ayush)

Oh how wonderful it is,
Soft, green grass
Tall emergent trees
Bright colorful butterflies
Dark, treacherous caves and
Big fluffy clouds.
The big waves crashing on to the
soft, yellow sand.
The people making this world
Fulfilled.
Something so simple like a sharp
Green blade of grass
To something so complex like a Microfilament cell.
Oh how majestic you are
You make people smile with sunshine,
snow, and rain.
But you also make people frown
with blizzards, tsunamis, and
Tornados.
You have support from God, Sun, and of course, us people.
Even do some people might
Hate you by littering and killing humans and animals.
You still give us food, shelter, and lots of love.

Mother Earth gets lots of care from kind people to lots of hate from
Cruel people.
She helps people to abolish differences, She halts people from committing crimes, and she encourages people to pursue their
Dreams.
She makes awesome phenomenons like The Northern lights, amazing technology like Google Glass and Apple Watch, and she makes delicious foods like
Macaronis and Biriyanis
Oh Mother Earth

ଟୀନ୍ ଏଜ୍ ଟର୍ମେଣ୍ଟ୍

ଦେବରାଜ ସାହୁ

ତେର ବରଷରେ
ମୁଣ୍ଡକୁ ହାତ ପାଇଲା
ଭାବିଲୁ ଜ୍ଞାନ ଉଦୟ ହେଲା
ନିଜେ ନିଜେ ରହି ପାରିବୁ ।

ଘର ଛାଡି ଚାଲି ଗଲୁ
ନ କହି ନ ପଚାରି
ହଠାତ୍ ଦିନେଦେଖିଲି
ଶୂନ୍ୟ ଶଯ୍ୟା, ଶୂନ୍ୟ ଘର ।

ଦୁଃଖରେ ମୁହ୍ୟମାନ
ମନରେ କ୍ଳେଶ
ମର୍ମାହତ ଅଭିଳାଶ
ଅଶେଷ ଯନ୍ତ୍ରଣା ।

ବଡି ସକାଳୁ
ତୋର ହସ ହସ ମୁହଁ
ପାଏନା ମୁଁ ଦେଖି
ଦିନ ମୋର ଲମ୍ବି ଯାଏ ।

ଘରକୁ ଫେରିଲେ
ତୋ ଭୋକିଲା ମୁହଁ
ଖାଇବାର ଆଶା ନେଇ
ଲମ୍ବେ ନାହିଁ ଆଉ ।

ଖୋଜିଲି ତତେ
ପାଗଳ ପରି, ଅନ୍ଧାରରେ
କାଳେ ପାଇଯିବି
ଘର ନିକଟରେ ଲୁଚି ଥିବୁ ବୋଲି ।

ସାଇକଲ ଧରି ଖୋଜିଲି
କାର୍ ଚଲାଇବି ଖୋଜିଲି
ପ୍ରିୟେ କହିଲେ
ଏମ୍ବର୍ ଆଲଟ୍ ପଠାଇ ଦିଅ ।



ବଞ୍ଚିଛୁ କି ନାହିଁ
କେମିତି ଜାଣିବି
କିଏ ଖବର ଦେବ?
କିଏ ସାନ୍ତ୍ୱନା ଦେବ?

ବିଶାଳ ପୃଥିବୀର
ଅନନ୍ତ ବକ୍ଷରେ ଅଗଣିତ ଶୀକାରୀ
ଅସହାୟ, ଅନାଥ ତୁ
ବଞ୍ଚିବୁ କିପରି?

ଦମ୍ଭ, ସାହାସ ନୁହେଁ
ଯିଦ୍, ସ୍ୱାଧୀନତା ନୁହେଁ
ପଳାୟନ ସମାଧାନ ନୁହେଁ
ହରାଇବା କ'ଣ ହାରିବା?

ପୁଣି ପାହାଡ ଚଢା

ଶିଖଣ୍ଡ ଶତପଥୀ

ପର୍ବତ ଶିଖରେ କ୍ଲାନ୍ତ ନୟନରେ
ଦେଖୁଅଛି ମୁହିଁ ହତବାକ୍ ହୋଇ
ସବୁଜ ଧୂସର କେତେ ଆକୃତିର
ଶ୍ରେଣୀ ପରେ ଶ୍ରେଣୀ, ଆକାଶକୁ ଛୁଇଁ
ପର୍ବତ ପାହାଡ, ଛୋଟ ଆଉ ବଡ
ମୁଣ୍ଡ ଟେକିଛନ୍ତି,
ପବନର ଶିରି ଶିରି କଥା ଶୁଣୁଛନ୍ତି ।

ବାଦଲ୍ ସୂର୍ଯ୍ୟର ଲୁଚକାଳି ଖେଳ
ଚାଲିଛି ଜୀବନ ସୁଖ ଦୁଃଖ ମେଳ
ନିର୍ବାକ୍, ନିଶ୍ଚେତ ମୁଁ
ସ୍ତବ୍ଧ ଓ ସ୍ଥାଣୁର ।

କେଉଁଠି ଚାଲିଛି, ଖଣ୍ଡା ତଲ୍ୱାର୍
ରକ୍ତର ହୋଲି ଖେଳ,
କେଉଁଠି ବା ଉଠେ, ଶବଦ ଜୁଆର
ହସର ଫୁଆର ରୋଳ ।

ସାଗର ଉତ୍ତାଳ, ଉର୍ମି ଅଧିର
ବୁଡିଲାଣି କା'ର ନାଆ
ସୁଦୃଶ୍ୟ ପ୍ରାସାଦେ ମଦାଳଶା ନିଶା
ଘାରିଲାଣି କା'ର ହିଆ ।

ଦେଖୁଅଛି ମୁହିଁ, ଅବନତ ହୋଇ
ଚାଲିଛନ୍ତି କେତେ, ପାଦକୁ ମିଳାଇ
ନାନାବିଧ ଆଶା ହୃଦୟରେ ବହି
ଧାଇଁଛନ୍ତି ନିଜ ସତ୍ତାକୁ ହରାଇ

ତର ନାହିଁ ଦେଖିବାକୁ
ପଥପ୍ରାନ୍ତ ଚିତ୍ରପଟ ସବୁ
ବାଟ ଯେ ଅନେକ, କର୍ତ୍ତବ୍ୟ ବିବିଧ
ଥିଲେ ଥାଉ ପଛେ ଅମୃତ ମଧୁ
ବେଳ କାହିଁ ଏବେ ରସ ଆସ୍ୱାଦକୁ ?

ପର୍ବତ ଉପରେ ଭାବଇ ମୁଁ ମନେ
ମିଳନ୍ତାକି ସେହି ମଜା ଆଉଥରେ
ପୁଲକେ ଦେଖନ୍ତି ସେ ଚିତ୍ର ପାଟଳୀ
ଆସ୍ୱାଦନ୍ତି ମଧୁ ତନମନ ଭରେ ॥

ବରଷା ରାଣୀ

ସୁଲୋଚନା ପଟ୍ଟନାୟକ

ବରଷା ରାଣୀ ଆସଇ ଜାଣି
ଦେଖିବାକୁ ତା' ମିତ
ଟୁପୁର ଟୁପୁର କଥା କହି ସେ
ଗାଉଛି କେତେ ଗୀତ ।

ସେ ନୁହେଁ ଶୀତ, ସେ ନୁହେଁ ଖରା
ନୁହଁଇ ସେ ବସନ୍ତ
ବରଷି ଯାଏ, ହସି ସେ କହେ
ଧରା ଯେ ହନ୍ତସନ୍ତ ।

ନଈରେ ପାଣି ବହଇ ଜାଣି
ଖୋଜଇ ତା'ର ବାଟ
ଏତେ ଦିନକେ ପାଇଛି ଦେଖି
ଉଛୁଳି ଯାଏ ଘାଟ ।

ଖୁସିରେ ଧାଏଁ, ସାଗର ଯାଏଁ
ମାନଇ ନାହିଁ କଥା
ଯାହା ସେ ପାଏ, ଭସାଇ ନିଏ
ନାହିଁ ତା' ବାଡ ବତା ।

ମେଘ ରାଜାଙ୍କ ଦୁହିତା ସିଏ
ଘର ତା' ଦୂର ଦେଶେ
ମାସ କେତୋଟି ରହିବ ଏଠି
ହସିବ ଧରା ଶେଷେ ।

ଚପଳା ଖେଳେ ବାଦଲ୍ ମେଳେ
ଯେବେ ବରଷା ଆସେ
ଆକାଶ ସାରା ଘୁରି ସେ ବୁଲେ
ମୁରୁକି ହସ ହସେ ।

ଘନ କୁନ୍ତଳ ଖୋଲି ବଉଦ
ଅମା ଅନ୍ଧାର ଆଣେ
ହସି ବରଷା କହେ ସହସା
ଯିବାର ଦିନ ଗଣେ ।

ଆସି ପହଞ୍ଚେ ଧରାର ପାଶେ
ବୁକୁରେ ଯାଏ ମିଶି
ଦିଏନା ଧରା ଆନନ୍ଦେ ପରା
ଗୀତ ଗାଏ ସେ ହସି ।

ଚାଷୀ ଭାଇଟି କ୍ଷେତକୁ ଯାଏ
ହଳ ଲଙ୍ଗଳ କଷେ
ବେଙ୍ଗୁଲୀ ରାଣୀ ଭାରି ସିଆଣି
ବୁଦା ମୂଳରେ ବସେ ।

ଆକାଶ ଦେଶେ ବଉଦ ଭାସେ
କଳା ମେଘର କୋଳେ
ଜହ୍ନ ଲୁଚଇ କ୍ଷଣିକ ପାଇଁ
ଲୁଚକାଳି ସେ ଖେଳେ ।

ଚାତକ ପକ୍ଷୀ ବସିଛି ଚାହିଁ
ବିନ୍ଦୁଏ ପାଣି ପାଇଁ
ବରଷା କହେ ଭରିବି ସିନ୍ଧୁ
ଚିନ୍ତା କରିବୁ ନାହିଁ ।

ଧରା ମାଗଇ ଦେ ତୁ ମତେ
ଯେତିକି ପାଣି ଲୋଡା
ଅଜାଡି ଦେଉ କାହିଁକି ସତେ
ଖସଇ ଏଠି ଅତଡା ।

ବରଷା କହେ ମୋର ପରଶେ
ହସୁଛି ବନ ଗିରି
ଧରା ପିନ୍ଧଇ ସବୁଜ ଶାଢୀ
ଦିଶଇ ରାଣୀ ପରି ।

ଜୀବନ ଦାନ ମୋ'ର ଧରମ
ମୁହିଁ ବରଷା ରାଣୀ
କିଛି ଦିନର ଅତିଥୀ ମୁହିଁ
ମିତ ମୋ ଏ ଧରଣୀ ।

ଯାଉଛି ଆଜି ଏତିକି କହି
ଆସିବି କେବେ ପୁଣି
ଡାକ ନ ଡାକ ଧର୍ମ କରିବି
ରହିଥା ତୁମେ ଜାଣି ।

ବିଚ୍ଛେଦ

ଶୋଭନା ମହାନ୍ତି ଦାସ

ମୁଁ ଭାଙ୍ଗି ପଡିଛି ସମ୍ପୁର୍ଣ୍ଣ ରୂପେ ଯନ୍ତ୍ରଣାରେ .....

ମୁଁ ନଈଁ ପଡିଛି ଭାରରେ, ଓଜନରେ
ମୁଁ ପଥର ହୋଇ ଯାଇଛି, ସ୍ଥିରତାରେ
ଚେଷ୍ଟା କରି ମଧ୍ୟ ଆଗେଇ ପାରୁନି, ବ୍ୟସ୍ତତାରେ ।

ମୁଁ ଭାଙ୍ଗି ପଡିଛି ସମ୍ପୁର୍ଣ୍ଣ ରୂପେ ଅସମର୍ଥ ପରେ, ଅସହାୟତାରେ .....

ମୋର ଶରିରଟା ଥରିଯାଉଛି, ଦୂର୍ବଳତାରେ
ମୋ ସ୍ୱପ୍ନସବୁ ଭାଙ୍ଗି ଯାଉଛି, ଅନାଗ୍ରହତାରେ
ମୋ ଆଖିରୁ ଲୁହସବୁ ଗଡିଯାଉଛି, ମୋ ଅଜ୍ଞାଣତରେ
ମୋ ନିଶ୍ଚିତତାର, ଦୃଢତାର ପାଚେରୀସବୁ ଭାଙ୍ଗି ଯାଉଛି, ନିୟତିର ବିଡମ୍ବନାରେ ।

ମୁଁ ଭାଙ୍ଗି ପଡିଛି ସମ୍ପୁର୍ଣ୍ଣ ରୂପେ ନିରବରେ, ନର୍ଷ୍ଣଧାରେ .....
ମୁଁ ଭାଙ୍ଗି ପଡିଛି ସମ୍ପୁର୍ଣ୍ଣ ରୂପେ ଯନ୍ତ୍ରଣାରେ .....

ବୋଉ (ସୁଲୋଚନା ମହାନ୍ତି)ଙ୍କର ପ୍ରଥମ ବର୍ଷ ଶ୍ରାଦ୍ଧ ତିଥି ଏବଂ ବାପା (ଶ୍ରୀ ଦ୍ୱାରକା ପ୍ରସାଦ ମହାନ୍ତି)ଙ୍କର ୧୦ ବର୍ଷ ବିୟୋଗର ସ୍ମୃତିରେ - ମାର୍ଚ୍ଚ ୩, ୨୦୧୪ ।

ମହୋଦଧି

ମନୋଜ ପଣ୍ଡା

ନୀଳ ମହୋଦଧି ବୀଚି ମାଳାରେ
ହେଳିଯାଏ ଭାବ ସ୍ୱପ୍ନ ଦୋଳାରେ
ଶାନ୍ତ ଅଶାନ୍ତ ପରିଚୟ ଯାହାର
ସଂସାର ସାଗରେ ତୁଳନା ତାହାର । (୧)

ତଟ ଦେଶେ ଭିଜା ବାଲୁକାର ଗନ୍ଧ
ଝାଉଁ ବନ ଗାଏ ମଧୁକର ଛନ୍ଦ
ପବନ ପାଗଳ ପ୍ରୀତି ଛଳଛଳ
ପ୍ରଣୟିନୀ ପରଶେ ଚଳଚଞ୍ଚଳ | (୨)

କେତେ କଥା କହେ ପ୍ରତି ରାତି ଦିନ
ଦୂର ଚକ୍ରବାଳେ ଛାଡି ପଦଚିହ୍ନ
ବୁଡିଲା ସୁରୁଜ ଉଡନ୍ତା ଚଢେଇ
ଗୀତ ଗାଇ ଯାଆନ୍ତି ଜୀବନ୍ତ ଲଢେଇ | (୩)

ଛପି ଛପି ଜହ୍ନ କିରଣ ସେ ଢାଳେ
ଧୀର ସମୀରର ଚପଳ ତାଳେ
ସରଳ ସ୍ନିଗ୍ଧ ଅମଳ କପୋଳେ
ନାଚିଯାଏ ଢେଉ ନବ ଅଭିସାରେ | (୪)

ଘୁମନ୍ତ ନିଶୀଥ ନିଶବ୍ଦ ରଜନୀ
ବତିଘର ପାଶେ ମୁଗ୍ଧ ପ୍ରମୋଦିନୀ
ଅଶ୍ଵି ପ୍ରେୟସୀର ସ୍ପନ୍ଦିତ ନୟନେ
ତନ୍ଦ୍ରାଲୋକ ଆଙ୍କେ ମଧୁର ଚୁମ୍ବନେ | (୫)

ବେଳାଭୂମିର ସେ ସୀମାହୀନ କାୟା
ଶାମୁକା ଶଙ୍ଖର ସମ୍ଭାର ମାୟା
ପ୍ରବାଳ ଜଳଚର ବିକ୍ରୀଡିତ କ୍ଷେତ୍ର
ଅନାଗତ ଆଗମନେ ପ୍ରାଶ୍ନିକ ମାତ୍ର | (୬)

ଝଡ ବରଷାର ରାତି ଲହରୀ କରାଳ
ଆଣେ କେତେ ଜୀବନରେ କ୍ରନ୍ଦନରୋଳ
ଦଇବର ବଳ ଆଗେ ସବୁ ନିଃସହାୟ
ଉଠା ପକା ଖେଳେ ପ୍ରଭୁ ବିଭୁହିଁ ସହାୟ | (୭)

ସବୁ ନଦୀ ମିଶି ଯାଏ ଜଳଧି ବୁକୁରେ
ସମ-ସ୍ତର ସଦା ପ୍ରତି କାଳାନ୍ତରେ
ଭଗବତ ପ୍ରାପ୍ତି ଯେହ୍ନେ ଧନ୍ୟ ସେହି ନର
ସୁଖ ଦୁଃଖ ହସ କାନ୍ଦେ ସ୍ଥିର ପ୍ରଜ୍ଞାଧର | (୮)

ଶରୀର ପୋତ ଆଉ ଜଗତ ବାରିଧି
ବେଳା ଉର୍ମିମାଳା ନିର୍ଣ୍ଣେ ଯାତ୍ରାର ଅବଧି
ଧର୍ମ-କର୍ମ ତରଣ ଯେ ବାହେ ବାତପଟ
ସଫଳ ଅସଫଳେ ଚିତ୍ରେ ଚିତ୍ରପଟ | (୯)

ରତ୍ନର ଆକର ସରି ପ୍ରପଞ୍ଚ ଆକାର
ମନ୍ଥନେ ମିଳେ ତହିଁ ସମ୍ପଦ ପ୍ରକାର
ଜ୍ଞାନଧନ ଅଟେ ତେବେ ଶ୍ରେଷ୍ଠ ତାଙ୍କ ମଧ୍ୟେ
ବିବେକ ବିଶେଷେ ଜୀବ ତ୍ରାହେ ନିଜ ସାଧେ | (୧୦)

ବରଷା ରାଣୀ

ମନୋଜ ପଣ୍ଡା

ବରଷା ରାଣୀ ଆସଇ ପୁଣି ମେଘ ଓଢଣା ଟାଣି
କଳା ମେଘର ଛାତିକି ଚିରି ବିଜୁଳି ଯାଏ ବୁଣି
ବରଷା ପାଣି ମନ ଉଜାଣି (୧)

ନିଦାଘ ଶେଷେ ଆଷାଢ ମାସେ, ବରଷା ଦେଖି ଚାତକ ଆଶେ
ତାତିଲା ମାଟି ପାଣି ପରଶେ, ହରିତ ବେଶେ ଫୁଲି ସରସେ
ବରଷା ପାଣି ମନ ଉଜାଣି (୨)

ନିଦାଘ ଶେଷେ ଆଷାଢ ମାସେ, ବରଷା ଦେଖି ଚାତକ ଆଶେ
ତାତିଲା ମାଟି ପାଣି ପରଶେ, ହରିତ ବେଶେ ଫୁଲି ସରସେ
ବରଷା ପାଣି ମନ ଉଜାଣି (୩)

ସାଗୁଆ ଶାଢୀ ରହଛି ବେଢି ଧରଣୀ ଦେହେ ପୁଣି
ସାଧବ ବୋହୂ ମଞ୍ଚରେ ବଢେ ଲାଜୁଆ ନତ ଠାଣି
ବରଷା ପାଣି ମନ ଉଜାଣି (୪)

ମୟୂର ନାଚେ ମୟୂରୀ ସାଥେ ପୁଚ୍ଛ ଉଠାଇ ରସି
ମଧୁର ସ୍ୱନେ ପୀରତି ଢାଳେ ମେଦୁର ସଙ୍ଗେ ମିଶି
ବରଷା ପାଣି ମନ ଉଜାଣି (୫)

ଚପଳା ଖେଳେ ଜଳଦ ମାଳେ କୁନ୍ତଳ ବେଣୀ ଛାଡି
ମୁକୁତା ସମ ଯେସନେ ଶୋଭେ ଧବଳ ଦନ୍ତ ଧାଡି
ବରଷା ପାଣି ମନ ଉଜାଣି (୬)

ସାରୁ ପତର ମୁଳରେ ବସି ବେଙ୍ଗ-ବେଙ୍ଗୁଲି ଲାଜେଇ ହସି
ବାରିଦ ଧାରେ ଶୁଭ ଲଗନେ ହାତୁ ଦିହାତ ହେବାରେ ଖୁସି
ବରଷା ପାଣି ମନ ଉଜାଣି (୭)

ଫୁଲର ଗନ୍ଧେ ମରମ ବାନ୍ଧେ ଛାତିର କେତେ କଥା
ଅକୁହା ବ୍ୟଥା, ଗାଇ ଯାଏ ସେ ଚାନ୍ଦେ କୁମୁଦ ମଥା
ବରଷା ପାଣି ମନ ଉଜାଣି (୮)

ଝରଣା ଫୁଲେ ଜଳ ବହୁଳେ ନଈ ମାନେନା ବୋଲ
କେତେ ଆଖିରେ ଲୁହ ସରିତ କରେ ଯେ କଲବଲ
ବରଷା ପାଣି ମନ ଉଜାଣି (୯)

ଝରାଏ ପାଣି ଅକାତରରେ ସବୁରି ପାଇଁ ସିଏ
ଦାନ ଧରମ କରଇ ଯେହ୍ନେ ସାଧୁଟି ଏକା ଯିଏ
ବରଷା ପାଣି ମନ ଉଜାଣି (୧୦)

ସୁଖିଲା ସର ପୂରି ଉଠେ ସେ ବରଷା ଜଳ ପାଇ
ସଂସାରୀ ଯୋଗୀ ହୃଦୟେ ଯେହ୍ନେ ହରି ପ୍ରେମରେ ବାଇ
ବରଷା ପାଣି ମନ ଉଜାଣି (୧୧)

କଦମ୍ବ କୁଞ୍ଜେ ଗୋପୀକା ମେଳେ ନାଚନ୍ତି ବନମାଳୀ
ମୂରଲୀ ଧ୍ୱନେ ପ୍ରଣବ ସାଥେ ଫୁଟେ ସାଧନା କଳି
ବରଷା ପାଣି ମନ ଉଜାଣି (୧୨)

କେବେ ବରଷା କେବେଟି ଖରା ଚକର ଦୋଳି ଖେଳ
ସୁଖ ଦୁଃଖର ନଉକା ଚାଲେ କେବେ ଉପର ତଳ
ବରଷା ପାଣି ମନ ଉଜାଣି (୧୩)

ହରିତ କ୍ଷେତେ ଚାଷୀ ବାପୁଡା ହରଷେ ଗାଏ ଗୀତ
କନନ ଗିରେ ବୃକ୍ଷ ଶିଖରେ ଚକୋର ଖୋଜେ ମିତ
ବରଷା ପାଣି ମନ ଉଜାଣି (୧୪)

ଭରା ତଡାଗ କଇଁ ଫୁଲରେ ଦୋଳଇ ପୁଣି ଧୀର ସମୀରେ
ଝାଉଁ ବଣର ସଙ୍ଗୀତ ସୁରେ ଝୁମେ ନିଶୀଥ ଚଷକ ଭରେ
ବରଷା ପାଣି ମନ ଉଜାଣି (୧୫)

ଋତୁ ଚକ୍ରର ଏହି ଯେ ଗତି ସୁଧୀ ଜନଟି ନ ହରେ ମତି
ପ୍ରସନ୍ନ ମନେ ଶିଖି ଶିଖାଇ ପୂର୍ଣ୍ଣ ଜୀବନ କଟାଏ ଇତି
ବରଷା ପାଣି ମନ ଉଜାଣି (୧୬)